# ପଞ୍ଚାୟତସମିତିକାର୍ଯ୍ୟାଳୟ ,ନାକଟିଦେଉଳ

ବିଜ୍ଞାପନ ସଂଖ୍ୟା ୪୦୮୮ /ତାରିଖ ୧୪ . ୧୧. ୨୦୨୩

ଏତଦ୍ଵାରା ନାକଟିଦେଉଳ ପଞ୍ଚାୟତ ସମିତି ଅନ୍ତର୍ଗତ ଗୋଗୁଆ ଏବଂ ଜାମୁଁଜୋରୀ ଗ୍ରାମପଞ୍ଚାୟତ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଓଡିଶାସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ପତ୍ରସଂଖ୍ୟା ୭୦୪୦ ତା: ୨୧/୦୪/୨୦୧୨ ର ନିର୍ଦ୍ଦେଶ ମାର୍ଗଦର୍ଶିକାମତେ ଏବଂ ଗୋଗୁଆ ଓ ଜାମୁଁଜୋରୀ ଗ୍ରାମପଞ୍ଚାୟତର ପ୍ରସ୍ତାବ ଅନୁକ୍ରମେ ଗୋଗୁଆ ଓ ଜାମୁଁଜୋରୀ ଗ୍ରାମପଞ୍ଚାୟତରୁ ଜଣେ ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆଗ୍ରହୀ ପ୍ରାର୍ଥୀ ଓ ପ୍ରାର୍ଥନୀ ମାନଙ୍କ ଠାରୁ ଆବେଦନ ଆହ୍ଵାନ କରାଯାଉଛି |

**<u>ଯୋଗ୍ୟତା</u>**

୧. ପ୍ରାର୍ଥୀ /ପ୍ରାର୍ଥନୀ ମାନେ ସଂପୃକ୍ତ ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨. ପ୍ରାର୍ଥୀ /ପ୍ରାର୍ଥନୀ ଙ୍କ ବୟସ ୦୧.୦୧. ୨୦୨୩ ସୁଦ୍ଧା ୨୧ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ ।

୩. ପ୍ରାର୍ଥୀ /ପ୍ରାର୍ଥନୀ ଙ୍କ ର ଶିକ୍ଷାଗତ ଯୋଗ୍ୟତା (ସ୍ନାତକ ) ହୋଇଥିବ ।

ପ୍ରକାଶ ଥାଉକି ଯୋଗାଣ ସହାୟକ ମାନଙ୍କର ମାସିକ ମାନଦେୟ ଟ. ୬୦୦୦/- ମଧ୍ୟରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଅନୁମୋଦନ କ୍ରମେ ସେହି ଗ୍ରାମ ପଞ୍ଚାୟତ ଦ୍ଵାରା ପ୍ରଦାନ କରାଯିବ ।

ଆବେଦନ ପତ୍ର ସହ ନିମ୍ନ ଲିଖିତ କାଗଜ ପତ୍ର /ପ୍ରମାଣପତ୍ର ର ନକଲ (Self attested)ହୋଇ " ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାକଟିଦେଉଳ (Block Development Officer, Naktideul) କାର୍ଯ୍ୟାଳୟ କୁ ୧୬ /୧୧/୨୦୨୩ ରୁ ୦୫/୧୨/୨୦୨୩ ସୁଦ୍ଧା ରେଜିଷ୍ଟ୍ରି ଡାକ ଯୋଗେ ପହଂଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ଗୃହୀତ ଆବେଦନ ବିଚାର ଯୋଗ୍ୟ ନୁହେଁ ।

୧. ତହସିଲଦାରଙ୍କ ଦ୍ଵାରା ପ୍ରଦତ୍ତ ଚାକିରୀ ପାଇଁ ଉଦ୍ଦିଷ୍ଟ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।

୨. ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ସ୍ନାତକ ର ପ୍ରମାଣପତ୍ର ସହିତ ମାର୍କ ସିଟ ।

୩. ୨ଟି ପାସ ପୋର୍ଟ ସାଇଜର ରଙ୍ଗୀନ ଫୋଟଚିତ୍ର (ଗୋଟିଏ ଆବେଦନ ପତ୍ରସହ ଜଡିତ ) ।

**<u>ଚୟନ ପ୍ରକ୍ରିୟା</u>**

ପ୍ରାର୍ଥୀ /ପ୍ରାର୍ଥନୀଙ୍କ ଚୟନ ୧୦ ମ,+୨ ଓ +୩ ପରୀକ୍ଷା ର ହାସଲ କରିଥିବା ନମ୍ବର ଉପରେ ପର୍ଯ୍ୟବେସିତ ହେବ (୧୦ ମ =୩୦ %, +୨ =୩୦ %, ଏବଂ +୩ =୪୦ %) |ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରିପାରୁଥିଲେ ସର୍ବାଧିକ ନମ୍ବର ରଖିଥିବା ପ୍ରାର୍ଥୀ /ପ୍ରାର୍ଥନୀ ଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ।

ଏହି ନିଯୁକ୍ତି ସ୍ଥାହି ନୁହେଁ ଏବଂ ଭବିଷ୍ୟତରେ ସ୍ଥାହି ନିଯୁକ୍ତି ପାଇଁ କୌଣସି ଦାବି କରିପାରିବେ ନାହିଁ ।

***ସଲଗ୍ନ - ଆବେଦନ ଫର୍ମାଟ***

୧୪.୧୧.'୨୩

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

ପରିପତ୍ର ସଂଖ୍ୟା ୪୦୮୦ /ତାରିଖ ୧୪.୧୧.୨୦୨୩

ଏହାର ଏକକିତା ନକଲ ପଞ୍ଚାୟତ ସମିତି ନାକଟିଦେଉଳ ନୋଟିସ ବୋର୍ଡ/ ଗୋଗୁଆ ଓ ଜାମୁଁଜୋରୀ ପଞ୍ଚାୟତ ନୋଟିସ ବୋର୍ଡ ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଟକାଯାରୀ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

ପରିପତ୍ର ସଂଖ୍ୟା ୪୦୮୧ /ତାରିଖ ୧୪.୧୧.୨୦୨୩

ଏହାର ଏକକିତା ନକଲ ସରପଞ୍ଚ ଗୋଗୁଆ/ ଜାମୁଁଜୋରୀ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

ପରିପତ୍ର ସଂଖ୍ୟା ୪୦୮୨ /ତାରିଖ ୧୪.୧୧.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମ୍ବଲପୁର ଙ୍କୁ ପ୍ରେରଣ କରାଗଲା ଓ ଅନୁରୋଧ କରାଗଲା ବିଜ୍ଞାପନ ପ୍ରକଶ କରିବା ପାଇଁ ଦୈନିକ ଓଡ଼ିଆ ଖବକାଗଜ "ସମାଜ" ସମ୍ବଲପୁର ଦୈନିକ ସଂସ୍କରଣ ରେ ତା ୧୬ /୧୧/୨୦୨୩ ଦିନ କିମ୍ବା ତା ପୂର୍ବରୁ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

ପରିପତ୍ର ସଂଖ୍ୟା ୪୦୮୩ /ତାରିଖ ୧୪.୧୧.୨୦୨୩

ଏହାର ଏକକିତା ନକଲ D.I.O, Sambalpur ଙ୍କୁ ପ୍ରେରଣ କରାଗଲା ଓ ଅନୁରୋଧ କରାଗଲା ଜିଲ୍ଲା ପୋର୍ଟାଲ୍ www.sambalpur.nic.in ରେ ୧୬ /୧୧/୨୦୨୩ ରୁ ୦୫/୧୨/୨୦୨୩ ପର୍ଯ୍ୟନ୍ତ ପ୍ରକାଶ କରିବା ପାଇଁ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

ପରିପତ୍ର ସଂଖ୍ୟା ୪୦୮୪ /ତାରିଖ ୧୪.୧୧-୨୦୨୩

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ରେଢ଼ାଖୋଲ/ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ବଲପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

# ଆବେଦନ ପତ୍ର

୧. ........................................................................................ଗ୍ରାମପଞ୍ଚାୟତର ଯୋଗାଣ ସହାୟକ ନିମନ୍ତେ ।

୨. ନାମ ..........................................................................................

୩. ପିତାଙ୍କ ନାମ ..........................................................................................

୪. ଜନ୍ମ ତାରିଖ ..........................................................................................

୫. ଜାତିଗତ ........................................ ........................................

୬. ସ୍ଥାୟୀ ବାସିନ୍ଦା ଠିକଣା ........................................ ........................................

........................................ ........................................

........................................ ........................................

୭. ବର୍ତ୍ତମାନ ଠିକଣା ..........................................................................

..........................................................................

..........................................................................

୮. ଶିକ୍ଷାଗତ ଯୋଗ୍ୟତା

| କକ୍ଷ | ବୋର୍ଡ / ବିଶ୍ୱବିଦ୍ୟାଳୟ | ସ୍କୁଲ / ମହାବିଦ୍ୟାଳୟ | ଉତ୍ତୀର୍ଣ୍ଣ ବର୍ଷ | ସର୍ବାଧିକ ନମ୍ବର | ଅର୍ଜିତ ନମ୍ବର | ଶତକଡା |
|---|---|---|---|---|---|---|
| ୧୦ମ | | | | | | |
| +୨ | | | | | | |
| +୩ | | | | | | |

## ଘୋଷଣା ନାମା

ମୁଁ ଏତଦ୍ୱାରା ପ୍ରମାଣିତ କରୁଛି ଯେ , ମୁଁ ଉପରୋକ୍ତ ଗ୍ରାମାପଞ୍ଚାୟତର ସ୍ଥାୟୀ ବାସିନ୍ଦା ଅଟେ । ଓ ମୋ ଦ୍ୱରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ଗୁଡିକ ସଂପୂର୍ଣ୍ଣ ସତ୍ୟ ଓ ନିର୍ଭୁଲ ଅଟେ । ଯଦି ଉପରୋକ୍ତ ତଥ୍ୟ ମାନଙ୍କରୁ କିଛି ଭୁଲ ପ୍ରମାଣିତ ହେଲେ ମୋର ଆବେଦନ ନିଯୁକ୍ତି କୁ ଖାରଜ କରାଦିଆଯିବ ।

ସ୍ଥାନ ........................................

ତାରିଖ........................................

ଆବେଦନକାରୀଙ୍କ ସ୍ୱାକ୍ଷର